# Akashvani, Sambalpur

## SAMBALPURI NEWS BULLETIN

### 1 August 2024- 6.47- 6.52 am.

********************************************

ସମ୍ବଲପୁରୀ ଦିନ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ସମ୍ବଲ୍‌ପୁରୀ ଦିନ୍ । ଇଥିର୍‌ଲାଗି ଭିନ୍ ଭିନ୍ ଜାଗା ନ ସାଂସ୍କୃତିକ୍ ଅନୁଷ୍ଠାନ୍‌ମାନ୍‌କର୍ ତର୍‌ଫୁ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଇଛେ । ସମ୍ବଲପୁରୀ ସାହିତ୍ୟର ନାଁକରା କବି ଗୁରୁ ସତ୍ୟନାରାୟଣ ବହିଦାରଙ୍କର ୨୦୧୩ ମସିହା ନ ହେଇଥିବା ଜନ୍ମ ଶତବାର୍ଷିକୀ ବର୍‌ସୁ ଇ ଦିନ୍ ପାଲନ୍ କରାଯାଉଛେ । ସମ୍ବଲପୁରୀ ଭାଷାର ପ୍ରଚାର ପ୍ରସାର ଦିଗେ ତାଙ୍କର ବଡ ଅବଦାନ ରହିଛେ । ଇ ଦିବସ୍ ନ ସମ୍ବଲ୍‌ପୁରୀ ହସ୍ତତନ୍ତର ବସ୍ତ୍ର ପିନ୍ଧ୍‌ବାର୍ ଚଲନ୍ ରହିଛେ ।

ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍ ସଂସ୍କୃତିକେ ତହିଁକାବାର୍ ଲାଗି ଆଝିର୍ ଦିନେ ସମ୍ବଲ୍‌ପୁରୀ ବସ୍ତ୍ର ପିନ୍ଧ୍‌ବାର୍‌କେ ଜିଲ୍ଲାର୍ ଅଧିକାରୀ ଆର୍ କର୍ମଚାରୀମାନ୍‌କୁ କହିଛନ୍ । ସମ୍ବଲ୍‌ପୁର୍‌ର କଚ୍‌ରୀ ଛକ୍, ଗଙ୍ଗାଧର୍ ମଣ୍ଡପ୍ ପଡ଼ିଆ ଆର୍

ଅଲ୍‌ଗା ଜାଗା ମାନ୍‌କେ ସମ୍ବଲ୍‌ପୁରୀ ଦିନ୍ ଲାଗି ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ । ପଶ୍ଚିମାଂଚଲ୍ ଏକତା ମଂଚ୍ ତରଫ୍‌ରୁ ସମ୍ବଲପୁରୀ ଦିନ୍ ଉଲ୍‌ଗୁନେ ଗଲାକାଏଲ୍ ଗୁଟେ ସାଂସ୍କୃତିକ ଶୋଭାଯାତ୍ରା ବାହାର୍ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ - ବିଧାନ୍‌ସଭା ଭାଷଣ୍ ଆର୍‌ଏନ୍‌ୟୁ /ସମ୍ବଲପୁର

୨୦୧୪ ମସିହାଥି କେନ୍ଦ୍ର ନ ନରେନ୍ଦ୍ର ମୋଦୀଙ୍କର୍ ସର୍‌କାର୍ ଆସ୍‌ବାର୍ ଉତ୍‌ରୁ ଓଡ଼ିଶାକେ ଅଏତ୍‌କା ଅନୁଦାନ୍ ମିଲୁଛେ । ୨୦୧୪ ତୁଲ୍‌ନାଥି ରେଲ୍‌ବାଇ କ୍ଷେତ୍ର ନ ଓଡ଼ିଶାକେ ସାଢ଼େ ୧୨ ଗୁନ୍ ଅଏତ୍‌କା ଅନୁଦାନ୍‌ର ବ୍ୟବସ୍ଥା କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍‌ସଭା ନ ବ୍ୟୟ ମଞ୍ଜୁରୀ ବିଲ୍ ଆଲୋଚନାର୍ ଉତର୍‌ଥି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଚଲ୍‌ତି ରେଲ୍‌ବଜେଟ୍‌ଥି ଓଡ଼ିଶାକେ ୧୦ ହଜାର୍ ୫ ଶହ କୋଟି ଟଙ୍କାନୁ ଅଏତ୍‌କା ମିଲିଛେ । ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନାଥି ଓଡ଼ିଶାକେ ଗଲା ଆର୍ଥିକ୍ ବଛ୍‌ରେ ୯ ଲାଖ୍ ୫୭ ହଜାର୍ ଘର୍ ମିଲିଥିଲା । ଯେନ୍‌ଟାକି ଆଘର୍ ବଛର୍‌ମାନ୍‌କର୍‌ନୁ ୨ ନୁ ୩ ଗୁଣ୍ ଅଏତ୍‌କା ଆଏ । ଇ ବଛର୍ କେନ୍ଦ୍ର ବଜେଟ୍‌ଥି ରାଜ୍ୟମାନ୍‌କର୍ ଲାଗି ଥିବା ପୁଞ୍ଜି ଖର୍ଚ୍ଚ ସାହାଜ୍‌କେ

ବଢ଼ାଯାଇଥିବାର୍ ବେଳେ ଓଡ଼ିଶାକେ ଇନୁ ପାଖାପାଖି ୬ ହଜାର୍ କୋଟି ଟଙ୍କାର୍ ଅଏତ୍କା ସହାୟତା ମିଲ୍ବା । ଓଡ଼ିଶା ଲାଗି କେନ୍ଦ୍ର ସର୍କାର୍ ଅନ୍ତରିଣ ବଜେଟ୍ଥି ରାଜ୍ୟର୍ ଅଂଶକେ ୧୨ ଶହ କୋଟି ଟଙ୍କାକେ ବଢ଼େଇଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଗୃହ ମୁଲ୍ତବୀ ଆର୍ଏନ୍ୟୁ / ସମ୍ବଲପୁର

ଗଲା ମାସର୍ ୨୨ ତାରିଖ୍ନୁ ମୁଲ୍ ହେଇଥିବା ବିଧାନ୍ସଭା ବଜେଟ୍ ଅଧିବେଶନ୍ର ପହେଲା ଖେପ୍ ଗଲାକାଏଲ୍ ଶେଷ୍ ହେଇଛେ । ଇ ଅଧିବେଶନ୍ଥି ୯୫ ହଜାର୍ କୋଟି ଟଙ୍କାର୍ ଲେଖାନୁମୋଦିତ ବିଲ୍ ପାରିତ୍ ହେବାର୍ ଉତ୍ରୁ ବାଚସ୍ପତି ସୁରମା ପାଢ଼ୀ ଗୃହକେ ଆଏବା ୨୦ ତାରିଖ୍ତକ୍ ମୁଲ୍ତବୀ ରଖିଛନ୍ । ଆଏବା ସେପ୍ଟେମ୍ବର୍ ମାସେ ୨୦୨୪-୨୫ ର ପୂର୍ଣ୍ଣାଙ୍ଗ ବ୍ୟୟମଞ୍ଜୁରୀ ବିଲ୍ ବିଧାନ୍ସଭା ନ ଉପସ୍ଥାପନ୍ କରାଯିବା ବଲି ସୂଚ୍ନା ମିଲିଛେ ।

ଫସଲ୍ ବୀମା ପଞ୍ଜିକରଣ୍ ଆର୍ଏନ୍ୟୁ / ସମ୍ବଲପୁର

ଖରିଫ୍ ଫସଲ୍-୨୦୨୪ ଲାଗି ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନା ପଞ୍ଜିକରଣ୍ ସମିଆକେ ସର୍‌କାର୍ ଆଏବା ୧୦ ତାରିଖ୍‌ତକ୍ ବଢ଼େଇଛନ୍ । ରାଜ୍ୟ କୃଷି ଆଉ କୃଷକ୍ ବିକାଶ୍ ବିଭାଗ୍ ତର୍‌ଫୁ ଇ ବାବ୍‌ଦେ ସୂଚ୍‌ନା ଦିଆଯାଇଛେ । ଇ ଫସଲ୍ ବୀମାର୍ ଲାଗି ପଞ୍ଜିକରଣ୍ ସମିଆକେ ଆଗ୍‌ରୁ ଗଲାକାଏଲ୍‌ତକ୍ ଧାରିଜ୍ କରାଯାଇଥିଲା । ହେଲେ ଇତାକେ ୧୦ ଦିନ୍ ଲାଗି ବଢ଼ାଯାଇଛେ ଆଉ ଇ ସମିଆଥି ଜାତୀୟ ଫସଲ୍ ବୀମା ପୋର୍ଟାଲ୍ ଖୁଲା ରହେବା । ଇନ ଜନେଇ ଦିଆଯାଇପାରେ ଯେ, ଗଲାବଛର୍ ରାଜ୍ୟର୍ ୨୩ ଲାଖ୍ ୯୭ ହଜାର୍ ଚାଷୀ ୧୫ ଲାଖ୍ ୬୨ ହଜାର୍ ହେକ୍ଟର୍ ଜମିର୍ ଲାଗି ଫସଲ୍ ବୀମା ପଞ୍ଜିକରଣ୍ କରେଇଥିଲେ ।

ରାଜ୍ୟ ସମବାୟ ବେଙ୍କ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍ ଓଡ଼ିଶା ରାଜ୍ୟ ସମବାୟ ବେଙ୍କ୍ ଲିମିଟେଡ୍ ଆଉ ଓଡ଼ିଶା ସମବାୟ ଗୃହ ନିର୍ମାଣ୍ ନିଗମ୍‌ର ପରିଚାଲନା କମିଟି ମାନ୍‌କୁ ଭଙ୍ଗ କରିଛନ୍ । ସମବାୟ ସମିତିର୍ ସମୂହର୍ ରେଜିଷ୍ଟ୍ରାର୍‌ଙ୍କର୍ ତର୍‌ଫୁ ଜାରି ବିଜ୍ଞପ୍ତି ଅନ୍‌ସାରେ କର୍ପୋରେସନ୍ ବିଭାଗ୍‌ର ଅତିରିକ୍ତ ସଚିବଙ୍କୁ ଓଡ଼ିଶା ରାଜ୍ୟ ଗୃହନିର୍ମାଣ୍ ନିଗମ୍‌ର

ପ୍ରଶାସକ ନିଯୁକ୍ତ କରାଯାଇଛେ । ହେନ୍ତା କର୍ପୋରେସନ୍ ବିଭାଗ୍‌ର କମିଶନର୍ ଆର୍ ସଚିବ ଓଡ଼ିଶା କେନ୍ଦ୍ର ସମବାୟ ବେଙ୍କ୍‌ର ପରିଚାଳନା ଦାୟିତ୍ୱ ତୁଲାବେ ବଲି ବିଜ୍ଞପ୍ତିନୁ ଜନାପଡ଼ିଛେ ।

ପରିବା ରପ୍ତାନୀ- ବଲାଙ୍ଗିର୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ କୃଷି ଆଉ କୃଷକ ସଶକ୍ତିକରଣ୍ ବିଭାଗ୍‌ର କ୍ଲଷ୍ଟର୍ ମୋଡ୍‌ଥି ବଲାଙ୍ଗିର୍ ଜିଲ୍ଲାନୁ ୟୁନାଇଟେଡ୍ ଆରବ୍ ଏମିରେଟ୍ସ୍‌ର ଦୁବାଇକେ ପନିପରିବା ରପ୍ତାନୀ କରାଯାଇଛେ । ଜିଲ୍ଲାର୍ ଟିଟିଲାଗଡ୍ ଆର୍ ଲୁଇସିଂହା ବ୍ଲକ୍‌ର ୩ ଟା କୃଷକ ଉତ୍ପାଦକ କମ୍ପାନୀ ତର୍‌ଫୁ ପହେଲା ଖେପେ ଉଚା ଗୁଣ୍‌ମାନ୍‌ର ୮ ଶହ କେଜି ପନିପରିବା ଦୁବାଇ ପଠାଯାଇଥିବାର୍ ଉଦ୍ୟାନ କୃଷି ବିଭାଗ୍ ଉପ-ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର୍ ଭଞ୍ଜ କହିଛନ୍ । ଆଗ୍‌କେ ଭିଲ୍ ଜିଲ୍ଲାନୁ ପନିପରିବା ରପ୍ତାନୀ କରିକରି ଚାଷୀମାନ୍‌କର୍ ଆର୍ଥିକ୍ ଥିତିକେ ଦୁରୁସ୍ତ୍ କର୍‌ବାର୍ ଲାଗି ଯୋଜ୍‌ନା ରହିଛେ ।

ଟ୍ରମାକେୟାର୍ ସେଂଟର୍ ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା ସଦର୍ ଡାକ୍ତର୍‌ଖାନା ନ ଟ୍ରମା ଚିକିତ୍ସାକେନ୍ଦ୍ର କାର୍ଯ୍ୟକ୍ରମ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ଆବୋଲି ସୁନୀଲ୍ ନର୍‌ୱଣେଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଡାକ୍ତର୍‌ଖାନାର୍ ଅଗ୍ନି ନିରାପତା ବ୍ୟବସ୍ଥାର୍ ପ୍ରମାଣ୍‌ପତ୍ର ହାସଲ୍ ଦିଗେ ପଦକ୍ଷେପ୍ ନିଆଯିବାର୍ ଉପ୍‌ରେ ଜୋର୍ ଦିଆଯାଇଥିଲା । ଇଥି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଆଉ ଡାକ୍ତର୍‌ମାନେ ଯୋଗ୍ ଦେଇଥିଲେ ।

ହୀରାକୁଦ୍ ଜଲ୍‌ଭଣ୍ଡାର       ସମ୍ବଲପୁର୍ ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ଆଏଜ୍ ସଖାଲର୍ ୬ ବଜେ ୬ ଶହ ୯ ଦଶ୍‌ମିକ୍ ୨/୯ ଫୁଟ୍ ରହିଛେ । ଇ ସମିଆଥି ଫି ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌କେ ୧ ଲାଖ୍ ୩୯ ହଜାର୍ ୯ ଶହ ୪୯ ଘନଫୁଟ୍ ପାଏନ୍ ଆସୁଛେ । ଜଲ୍‌ଭଣ୍ଡାର୍‌ନୁ ୧୪ ଟା ଗେଟ୍, ପାୱାର୍ ଚେନାଲ୍ ଆର୍ କେନାଲ୍ ଜରିଏ ଫି ସେକେଣ୍ଡଥି ୨ ଲାଖ୍ ୪୫ ହଜାର୍ ୪ ଶହ ୨୧ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ଆଏଜ୍ ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ୧୫ ଟା ଜିଲ୍ଲାକେ ପାଣିପାଗ ବିଭାଗ୍ ତରଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଝାରଖଣ୍ଡ ଆର୍ ଛତିଶ୍‌ଗଡ଼୍ ଉପ୍‌ରେ ବନିଥିବାର୍ ଘୂର୍ଣ୍ଣିବଳୟ ପଶ୍ଚିମବଙ୍ଗ୍‌ର ଭୂ-ଭାଗ ଉପ୍‌ରେ ରହିଛେ । ଆଏବା କାଏଲ୍‌ତକ୍ ଇଟା ଲଘୁଚାପ୍‌ର ରୂପ୍ ନେଇପାରେ । ଇଥିର୍‌ଲାଗି ସମ୍ବଲ୍‌ପୁର୍, ସୋନ୍‌ପୁର୍, ବୌଦ୍ଧ, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, ବର୍‌ଗଡ଼୍ ସହେତେ ଅଲ୍‌ଗା ଜିଲ୍ଲା ମାନ୍‌କେ ଜବର୍ ବର୍ଷା ହେବା ବଲି ଅନୁମାନ୍ କରାଯାଇଛେ ।